ଶ୍ରୀମତୀ ସଞ୍ଜୁକ୍ତା ପଟ୍ଟନାୟକ

ବନାମ

ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

ଡିସେମ୍ବର ୨, 1996

[ କେ. ରାମସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିବୃନ୍ଦ ]

*ଓଡ଼ିଶା ଶିକ୍ଷା (ଶିକ୍ଷକ ଏବଂ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀମାନଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, 1974 : ନିୟମ 2 (ବି) ।*

*ସେବା ଆଇନ—କିରାଣି ଭାବେ ନିଯୁକ୍ତ ହୋଇଥିବା ଆବେଦନକାରୀ—ପରବର୍ତ୍ତୀ ସମୟରେ ଶିକ୍ଷକ ପଦବୀ ଦାୟିତ୍ୱରେ ରଖାଯାଇଥିଲା—ଶିକ୍ଷକ ଭାବେ ନିଯୁକ୍ତି ଦାବି କରିବା ପାଇଁ ଆଜ୍ଞାଦେଶ—ତାଙ୍କୁ ଶିକ୍ଷକ ଭାବେ ନିଯୁକ୍ତ କରିବା ଲାଗି ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଅନୁଯାୟୀ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ଅସ୍ଥାୟୀ ଅନୁମୋଦନ—ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆଜ୍ଞାଦେଶ—ରାଜ୍ୟ ଅଦାଲତ ଆବେଦନକାରୀଙ୍କ ନିଯୁକ୍ତିକୁ ପୁନର୍ବିଚାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ—ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ—ଆବେଦନକାରୀ ଦ୍ୱାରା ଅଗ୍ରାଧିକାର ଦିଆଯାଇଥିବା ଆଜ୍ଞାଦେଶ ଖାରଜ—ଆବେଦନ—ନିର୍ଣ୍ଣିତ ନିଯୁକ୍ତି ନିୟମ ଅନୁଯାୟୀ ହେବା ଉଚିତ—କେବଳ ତାଙ୍କୁ ଶିକ୍ଷକ ପଦବୀ ଦାୟିତ୍ୱରେ ରଖାଯାଇଥିଲା ବୋଲି, ଏହା ତାଙ୍କୁ ଏକ ପଦବୀରେ ନିଯୁକ୍ତି ପାଇଁ କୌଣସି ଅଧିକାର ପ୍ରଦାନ କରେ ନାହିଁ, କାରଣ ତାଙ୍କୁ ପ୍ରାରମ୍ଭିକ ଭାବେ ଶିକ୍ଷକ ଭାବେ ନିଯୁକ୍ତ କରାଯାଇ ନଥିଲା –ଜଣେ ଶିକ୍ଷକ ଭାବରେ କର୍ତ୍ତବ୍ୟ ନିର୍ବାହ କରିବା ଜଣେ ଶିକ୍ଷକ ଭାବରେ ପଦବୀ ଦାବି କରିବାର ଅଧିକାର ପ୍ରଦାନ କରେ ନାହିଁ—ନିର୍ଦ୍ଦେଶକଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଅସ୍ଥାୟୀ ଅନୁମୋଦନ ଶିକ୍ଷକ ଭାବରେ ଆବେଦନକାରୀଙ୍କ ନିଯୁକ୍ତିର ଅନୁମୋଦିତ ମତ ବୋଲି ବିବେଚନା କରାଯାଇପାରିବ ନାହିଁ ।*

*କୃଷ୍ଣ ଚନ୍ଦ୍ର* ବନାମ *ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ,* ***ତା 1.11.1996 ରିଖର ସିଏ ସଂଖ୍ୟା 13755/96*** **ଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଷ୍ପତ୍ତି, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା : 1996 ର ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 23361

1995ର ଓ.ଜେ.ସି. ସଂଖ୍ୟା 2148ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର 18.9.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ବିନୋ ଭଗତ ।

ଉତ୍ତରଦାତାମାନଙ୍କ ପାଇଁ କେ. ଏନ୍. ତ୍ରିପାଠୀ ଏବଂ ଜେ. ଆର୍. ଦାସ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଅନୁମତି ଆବେଦନ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରାୟ ଏବଂ ଆଦେଶ ଉତ୍ପନ୍ନ ହୋଇଛି, ଯାହା ସେପ୍ଟେମ୍ବର 18, 1996 ରେ ଓ.ଜେ.ସି. ସଂଖ୍ୟା 2148/95 ରେ କରାଯାଇଥିଲା ।

ଆବେଦନକାରୀଙ୍କୁ 1 ଜୁନ୍, 1974 ମସିହାରେ ଏକ ଶୂନ୍ୟସ୍ଥାନ ବିପକ୍ଷରେ କିରାଣୀ ଭାବରେ ନିଯୁକ୍ତ କରାଯାଇଥିଲା । ଅଗଷ୍ଟ 9, 1990 ମସିହାରେ, ତାଙ୍କୁ ବିଦ୍ୟାଳୟରେ ଶିକ୍ଷକ ପଦବୀ ଦାୟିତ୍ୱରେ ରଖାଯାଇଥିବା ପରି ମନେହୁଏ । ଏହା ତାଙ୍କର ଦାବି ଯେ ସେହି ଅନୁସାରେ ସେ ଜଣେ ଶିକ୍ଷକ ଭାବେ ଶିକ୍ଷାଦାନ କରୁଥିଲେ । ଯେହେତୁ ତାଙ୍କୁ ଶିକ୍ଷକ ଭାବରେ ନିଯୁକ୍ତ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା, ସେ ଦାଖଲ କରିଥିବା ଓଜେସି ସଂଖ୍ୟା 671/91 ରେ ତାଙ୍କୁ ବିଚାରାଧୀନ ବ୍ୟବସ୍ଥାପିତ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶକୁ ମାର୍ଚ୍ଚ 27, 1992 ମସିହାରେ ମଞ୍ଜୁର କରାଯାଇଥିଲା । ତଦନୁସାରେ, ସେ ଅଗଷ୍ଟ 4, 1992 ମସିହାରେ ନିର୍ଦ୍ଦେଶକଙ୍କ ଦ୍ୱାରା ଅସ୍ଥାୟୀ ଅନୁମୋଦନ ସହିତ ନିଯୁକ୍ତ ହୋଇଥିଲେ । ସେ ଏହି ପଦବୀ ପାଇଁ ଯୋଗ୍ୟ ନୁହଁନ୍ତି ବୋଲି 1993 ମସିହା ଏପ୍ରିଲ 15 ତାରିଖରେ ପଞ୍ଚମ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆଜ୍ଞାଦେଶ ଆବେଦନ ଉପରେ, ଏହି ପ୍ରସଙ୍ଗରେ ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ଦ୍ଦେଶକ ମାର୍ଚ୍ଚ 4, 1995 ମସିହାରେ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ ଯାହାର ଫଳସ୍ୱରୂପ ବର୍ତ୍ତମାନର ଆଜ୍ଞାଦେଶ ଆବେଦନ କରାଯାଇଥିଲା । ଏହା ଯୁକ୍ତି କରାଯାଇଛି ଯେ ଆବେଦନକାରୀଙ୍କ ଦାବି ପ୍ରତ୍ୟାଖ୍ୟାନ କରିବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ନଥିଲେ, ଏହି ଆଧାରରେ ଯେ ରାୟଧୀନ ଥିବା ସମସ୍ତ ମାମଲା ଯାହାକି 1994 ଡିସେମ୍ବର 2 ରେ ନିଷ୍ପତ୍ତି ହୋଇଥିବା ଓଜେସି ସଂଖ୍ୟା 5361/91 ରେ ଉଚ୍ଚ ନ୍ୟାୟାଳୟଙ୍କ ପୂର୍ଣ୍ଣ ବିଚାରପୀଠ ରାୟ ଅନୁଯାୟୀ ନିଷ୍ପତ୍ତି ନେବା ଆବଶ୍ୟକ । ଯେହେତୁ ଆବେଦନକାରୀଙ୍କ ଦାବି କରିବା ପୂର୍ବରୁ ବିଚାର କରାଯାଇଥିଲା ଏବଂ ନିର୍ଦ୍ଦେଶକଙ୍କ ଦ୍ୱାରା ଅନୁମୋଦନ ଦିଆଯାଇଥିଲା, ଏହା ଏକ ବିଚାରାଧୀନ ମାମଲା ନୁହେଁ ଏବଂ ତେଣୁ ତାଙ୍କୁ ଜଣେ ଶିକ୍ଷକ ଭାବରେ ନିଯୁକ୍ତ କରାଯିବା ଆବଶ୍ୟକ । ବିବାଦରେ ଆମେ କୌଣସି ଦୃଢକ୍ତି ପାଉନାହୁଁ ।

ଏହା ଦେଖିବାକୁ ମିଳିଛି ଯେ ନିଯୁକ୍ତି, ଓଡ଼ିଶା ଶିକ୍ଷା (ଶିକ୍ଷକ ଏବଂ ସହାୟତା ପ୍ରାପ୍ତ ଶିକ୍ଷା ପ୍ରତିଷ୍ଠାନର କର୍ମଚାରୀଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମ, 1974 ର ଧାରା 2 (ବି) ଅନୁଯାୟୀ ବ୍ୟାଖ୍ୟା କରାଯାଇଥିବା ପଦବୀ ପାଇଁ ନିୟମ ଅନୁଯାୟୀ ହେବା ଉଚିତ । ଯେହେତୁ ଆବେଦନକାରୀ ଏକ କିରାଣି ପଦବୀରେ କାର୍ଯ୍ୟ କରୁଥିଲେ, ସେ ନିଯୁକ୍ତ ହେବାର ହକଦାର ନୁହଁନ୍ତି ଏବଂ ନିର୍ଦ୍ଦେଶକଙ୍କ ଦ୍ୱାରା ନିଆଯାଇଥିବା ମତ ସଠିକ୍ । ସ୍ୱୀକାରଯୋଗ୍ୟ, ସେ ଜଣେ କିରାଣୀ ଭାବେ ନିଯୁକ୍ତ ହୋଇଥିଲେ । କିରାଣୀ ଭାବରେ କାର୍ଯ୍ୟ କରିବା ସମୟରେ, କେବଳ ତାଙ୍କୁ ଶିକ୍ଷକ ପଦବୀରେ ଦାୟିତ୍ୱରେ ରଖାଯାଇଥିଲା, ତା ମାନେ ନୁହେଁ ଯେ ଏକ ପଦବୀରେ ନିଯୁକ୍ତିର କୌଣସି ଅଧିକାର ପ୍ରଦାନ କରେ ନାହିଁ, କାରଣ ପ୍ରାରମ୍ଭିକ

ଭାବେ ଏକ ଶିକ୍ଷକ ପଦବୀରେ ନିଯୁକ୍ତ  ହୋଇନଥିଲେ । ତେଣୁ ପୂର୍ଣ୍ଣପୀଠ ଯଥାର୍ଥ ଭାବେ ବ୍ୟାଖ୍ୟା କରିଛନ୍ତି ଯେ ପ୍ରାରମ୍ଭିକ ନିଯୁକ୍ତି ଏକ ଶିକ୍ଷକ ପଦବୀରେ ହେବେ ଉଚିତ୍  ଏବଂ ଜଣେ କିରାଣୀଙ୍କୁ ଯଦିଓ ଜଣେ ଶିକ୍ଷକ ଭାବରେ କର୍ତ୍ତବ୍ୟ ନିର୍ବାହ କରିବା କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଜଣେ ଶିକ୍ଷକ ଭାବରେ ଏହି ପଦାବୀକୁ ଦାବି କରିପାରିବେ ନାହିଁ । ଫଳସ୍ୱରୂପ ଉଚ୍ଚ ନ୍ୟାୟାଳୟଙ୍କ ପୂର୍ବ ଖଣ୍ଡପୀଠ ରାୟକୁ ବାତିଲ କରି ଦିଆଯାଇଥିଲା । ଫଳସ୍ୱରୂପ କାର୍ଯ୍ୟାନୁଷ୍ଠାନ ହେଲା ଯେ ଚୂଡ଼ାନ୍ତ ହୋଇଥିବା ସମସ୍ତ ମାମଲା ପୁନର୍ବାର ନ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ଆଜ୍ଞାଦେଶ ଆବେଦନ  କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବିଚାରାଧୀନ ଥିବା ସମସ୍ତ ମାମଲା ନିୟମ ଅନୁଯାୟୀ ପରିଚାଳନା କରାଯିବା ଆବଶ୍ୟକ ଥିଲା । ଯଦିଓ ଆଜ୍ଞାଦେଶ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅସ୍ଥାୟୀ ଅନୁମୋଦନ ଦିଆଯାଇଥିଲା, ତାହା କେବଳ ନିଯୁକ୍ତି ଉପରେ ନିର୍ଭର କରିବ ଏବଂ ଯେହେତୁ କୌଣସି ନିଯୁକ୍ତି କରାଯାଇପାରିବ ନାହିଁ ଏବଂ ବାସ୍ତବରେ କରାଯାଇ ନଥିଲା, ଆଦେଶ  ନିୟମାବଳୀ  ଅନୁଯାୟୀ ବୋଲି କୁହାଯାଇପାରିବ ନାହିଁ । ନିର୍ଦ୍ଦେଶକଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଅସ୍ଥାୟୀ ଅନୁମୋଦନକୁ ଶିକ୍ଷକ ଭାବରେ ଆବେଦନକାରୀଙ୍କ ନିଯୁକ୍ତିର ଅନୁମୋଦିତ ମତ ଭାବରେ ବିବେଚନା କରାଯାଇପାରିବ ନାହିଁ । ନଭେମ୍ବର 1, 1996 ରେ ନିଷ୍ପତ୍ତି ନିଆଯାଇଥିବା କୃଷ୍ଣ ଚନ୍ଦ୍ର ବନାମ ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ, (ସିଏ ସଂଖ୍ୟା 13755/96) ମାମଲାରେ ଏହି ନ୍ୟାୟାଳୟର ମତ ଉପରୋକ୍ତ ଦୃଷ୍ଟିକୋଣ ସହିତ ସୁସଂଗତ ଏବଂ ଆବେଦନକାରୀଙ୍କୁ କୌଣସି ସାହାଯତା କରେ   ନାହିଁ । ଏହି ପରିସ୍ଥିତିରେ, ହସ୍ତକ୍ଷେପର ଯଥାର୍ଥତା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ ଆମେ କୌଣସି ଅବୈଧତା ପାଇନାହୁଁ ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ ହୋଇଛି ।

ଟି.ଏନ୍.ଏ. ଆବେଦନ ଖାରଜ ହେଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିତିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।